Government of Odisha

Commerce and Transport (Transport) Department

***

NOTIFICATION

No. 674 / LC-TR-CASE-35/2017 /T., Bhubaneswar, dated the 27.01.18

Whereas the Hon'ble Supreme Court in the case of Savelife Foundation and another vs. Union Of India and another in Writ Petition (Civil) No. 235 of 2012 *vide* its order dated 29th October, 2014, inter alia, directed the Central Government to issue necessary directions with regard to the protection of Good Samaritans until appropriate legislation is made by the Union Legislature;

And whereas, in pursuance of the said directions, the Ministry of Road Transport & Highways (ROAD SAFETY), Government of India *vide* its Notification dated 12th May, 2015 have issued guidelines to be followed by hospitals, police and all other authorities for the protection of Good Samaritans and *vide* its Notification dated 21st January, 2016 the Standard Operating Procedures (SOPs) for the examination of Good Samaritan by the police or during trial;

And whereas, the Hon'ble Supreme Court *vide* its order dated 30th March, 2016 after effecting certain modifications to the guidelines and the Standard Operating Procedures (SOPs) so issued by the Central Government vide the said Notifications, approved the same and ordered that the guidelines and SOPs with such modifications be complied with by the Union Territories and all the functionaries of the State Governments as per law laid down by the Court under Article 32 read with Article 142 of the Constitution of India and the same be treated as binding as per mandate of Article 141;

And whereas, in pursuance of the directions of the Hon'ble Supreme Court the State Government hereby issues the following guidelines to be followed by hospitals, police and all other authorities in Odisha for the protection of Good Samaritans and the Standard Operating Procedure for the examination of Good Samaritans by the police or during trial, namely:-

1) A Good Samaritan or a by-stander, or any person who makes a phone call to the Police Control Room or Police Station to give information about any accident injury or death, except an eyewitness may not reveal personal details such as full name, address, phone number etc. on the phone or in person.

2) A Good Samaritan, after having informed the Police about an injured person on the road, shall be allowed to leave by the concerned Police official(s), and no further questions shall be asked if the Good Samaritan does not desire to be witness in the matter.

3) A Good Samaritan or by-stander including an eyewitness of a road accident may take an injured person to the nearest hospital for treatment and the Good Samaritan or the by-stander should be allowed to leave if he/she desires so and no question shall be asked to him/her by hospital staff except the request made by the authority concerned to the good Samaritan or to the by-stander to leave his/her present and permanent address with the contact number/email, if any, for the purpose of reward or trial. He/she may shall be shown due courtesy and shall be treated respectfully without any discrimination on the grounds of gender, religion, nationality, caste or any other grounds. The Good Samaritan shall be allowed leave Hospital without unnecessary delay.

4) In order to identify the good Samaritan, the following may be adopted:-

The Good Samaritan(s) after taking the road accident victim(s) to the hospital may, if he or she so desires may leave his/her address with contact number/email address in a standard format prescribed by Health & Family Welfare Department, Government Of Odisha. In absence of the said format or till the time such format is prescribed and disseminated to all hospitals, there should be no vacuum and in the interregnum

period, if so desired by Good Samaritan, the acknowledgement shall be issued on official letter pad etc. of the doctor not below the rank of Assistant surgeon, mentioning name of the Samaritan, address, time, place of occurrence and confirming that the injured person was brought by the said Samaritan. It shall be the duty of the said authorities to make a humble request to the Samaritan to leave his/her address.

5) The disclosure of personal information, such as name and contact details of the Good Samaritan or the by-stander shall be made voluntary as well as optional in the Medico Legal Case (MLC) Form provided by the hospitals.

6) The disciplinary or departmental action shall be initiated by the Government against the concerned public officials who force or intimidate a Good Samaritan or a by-stander for revealing his/her name or personal details.

7) All registered public and private hospitals shall not detain the Good Samaritan or the by-stander, demand payment for registration and admission costs unless the Good Samaritan or the by-stander is a family member or relative of the injured.

8) The injured brought to the hospital is to be treated immediately in pursuance of the order of the Hon'ble Supreme Court in Pt. Parmanand Katara vs. Union of India & Others (1989) 4 SCC 286.

9) Lack of response by a doctor in an emergency situation pertaining to road accidents, where he is expected to provide care, shall constitute "Professional Misconduct" under Chapter 7 of the Indian Medical Council (Professional Conduct, Etiquette and Ethics) Regulations,2002 and disciplinary action shall be taken against such doctor under Chapter 8 of the said Regulations.

10) All hospitals shall publish a charter in Odia, Hindi and English at their entrance to the effect that they shall not detain the Good Samaritan or the by-stander or ask depositing money for them for the treatment of a victim.

11) All public and private hospitals shall implement these guidelines immediately and in case of non-compliance or violation of these guidelines, appropriate action shall be taken against them by the concerned authority.

12) The guidelines will be included as one of the topics for discussion in every induction training programme meant for doctors.

13) The implementation of the guidelines will be monitored by Head of the hospital and a report thereof to be furnished quarterly to Health & Family Welfare Department, Govt. of Odisha.

14) The Good Samaritan or the by-stander shall not be liable for any civil or criminal liability.

15) The Good Samaritan or the by-stander shall not be compelled to lodge FIR at Police Station nor shall the eye witness be asked to do so either by police agency or by medical authority.

16) The local police having jurisdiction to the accident shall register FIR either on the voluntary report of the Good Samaritan or the by-stander or on the basis of the report received from the hospital authority. The Good Samaritan or the by-stander shall not be cited in the charge sheet, if he is not willing.

17) If the Good Samaritan or the by-stander is willing to be the witness to the occurrence of the accident, the following guidelines are to be strictly observed by the Police for examination of the Good Samaritan:-

(a) The Investigating Officer shall, as far as possible, conduct the examination of the Samaritan at a time and place of convenience such as his/her place of residence or business, and the investigating Officer shall be dressed in plain clothes, unless the Good Samaritan chooses to visit the Police Station.

(b) In case the Good Samaritan speaks a language other than the language of the Investigating Officer or the local language of the respective jurisdiction, the Investigating Officer shall arrange for an interpreter.

(c) Where a Good Samaritan declares himself to be an eyewitness, he shall be allowed to give his evidence on affidavit, in accordance with section 296 of the Code of Criminal Procedure, 1973(2 of 1974) which refers to *Evidence in formal Character on Affidavit*.

(d) The Police officer while conducting the investigation shall treat the affidavit of the Good Samaritan if filed, as complete statement. In case statement is to be recorded, complete statement shall be recorded in a single examination on a fixed date and time convenient to the Good Samaritan.

(e) At the time of examination of the Good Samaritan or by-stander, utmost care needs to be taken by the investigating officer to maintain decency, decorum and dignity. No intimidation or annoyance in any manner shall be caused to the Good Samaritan or by-stander or eye witness while examining them for collecting material evidence.

(f) In view of the provision laid down under section 160 Cr PC, the Good Samaritan or by-stander, if a male person under

the age of 15 years or above 65 years or if a woman or physically disabled, shall be examined only at his / her residence. The said examination should be concluded in a single sitting.

18) In the event of avoidance / unwillingness by the Good Samaritan/ by-stander /eye-witness as witness to attend the court of law physically, the concerned Court shall not normally insist on appearance as that causes delay, expenses and inconvenience. The Court shall exercise the power to appoint the Commission for examination of Good Samaritans in accordance with the provisions contained in section 284 of the Code of Criminal Procedure, 1973 *suo motu* or on an application moved for that purpose, unless for the reasons to be recorded personal presence of Good Samaritans in Court is considered necessary.

On receipt of written request, seeking lawful protection by /from the Good Samaritan or the by-stander, the officer- in-charge of local police station concerned shall extend all possible assistance for the required purpose.

On the approach of the Good Samaritan or the by-stander, the concerned Public Prosecutor shall take steps to record the evidence in time. If found to be hearsay, his/her evidence may be dispensed with.

Reasonable and necessary protection need be given by the officer-in-charge for the safe court attendance of the by-stander or Good Samaritan in Court of law.

19) The Superintendent of Police or Deputy Commissioner of Police or any other Police Official of corresponding seniority heading the police force of a District, as the case may be, shall be responsible to ensure that all the above mentioned procedures for examination of the Good Samaritan are implemented through his/her respective jurisdiction with immediate effect.

20) The Good Samaritan or the bystander shall be suitably rewarded or compensated to encourage other citizens to come forward and help the

road accident victims by admitting them in hospitals. Proper publicity shall be given in print and electronic media about the Good Samaritan or the bystander to recognize their good work and motivate others to help the road accident victims. The following financial assistance are recommended for rewarding the Good Samaritan:-

(a) Rs 2000/- cash award to a person or persons shall be given as incentive in each case.

(b) Transporting to the hospital and cost thereof will be reimbursed, if the victim is shifted to the hospital in a hired vehicle. Bill for the same may not be insisted.

(c) Good Samaritans will be felicitated at the functions organized by the State as well as by the Districts.

(d) The reward will be paid out of the Odisha Road Safety Society Fund.

21) The following procedure shall be adopted to for rewarding the Good Samaritan/bystander:-

The Hospital authority not below the rank of Assistant Surgeon, on receipt of the address from the Good Samaritan will reproduce it in the prescribed acknowledgement format prepared by Health and Family Welfare Department, Government of Odisha and will intimate the same to the nearest RTO in person or through authorized representative or through post for award of cash prize. The RTO shall then reward the Samaritan with a cash prize of Rs.2000/ with a letter of appreciation the audio-visual of which shall be uploaded in the websites of the concerned departments for public view.

The above guidelines in relation to protection of a Good Samaritan will be binding upon all the registered public and private hospitals, police and all other authorities in Odisha and are without prejudice to the liability of the driver of the motor vehicle involved in a road accident under section 134 of the Motor Vehicles Act, 1988.

The Standard Operating Procedure (SOP) issued by Home Department for protection of Good Samaritan Vide Order No. HRPC(A)-65/2015-38943 dated 21.11.2015 and the guidelines for protection of Good Samaritan issued by Health & Family Welfare Department vide Notification No.Sch-Med-512/2015-2721/H dated 05.02.2016 are superseded herewith.

By order of the Governor

Principal Secretary to Government

ଓଡିଶା ସରକାର

ବାଣିଜ୍ୟ ଓ ପରିବହନ(ପରିବହନ) ବିଭାଗ

ବିଜ୍ଞପ୍ତି

ସଂଖ୍ୟା ୬୮୪ଟି; ଭୂବନେଶ୍ୱର, ତା ୨୭.୦୧.୨୦୧୮

ଯେହେତୁ ମାନ୍ୟବର ସୁପ୍ରିମ୍ କୋର୍ଟ ସେଭ୍ ଲାଇଫ୍ ଫାଉଣ୍ଡେସନ୍ ଓ ଆଉ ଜଣେ ବନାମ ଭାରତ ସରକାରଙ୍କ ଭିତରେ ଚାଲିଥିବା ମକଦ୍ଦମା ୨୦୧୨ ର ୨୩୫ ସଂଖ୍ୟା ସମ୍ବଳିତ ଆବେଦନ ବିଚାରକରି ତା ୨୯ ଅକ୍ଟୋବର , ୨୦୧୪ ରେ ଆଦେଶ ଦେଇଛନ୍ତି ଯେ ସମାଜର ପରୋପକାରି ଭଦ୍ରବ୍ୟକ୍ତିଙ୍କ ସୁରକ୍ଷା ଲାଗି ଉଚିତ୍ ଆଇନ୍ ପ୍ରଣୟନ ହେବା ପର୍ଯ୍ୟନ୍ତ କେନ୍ଦ୍ର ସରକାର ସେ ସମ୍ପର୍କିତ ଆବଶ୍ୟକ ନିର୍ଦ୍ଦେଶ ଦେବେ ;

ଏବଂ ଯେହେତୁ ଉକ୍ତଆଦେଶ ଅନୁସାରେ ଭାରତ ସରକାରଙ୍କ ସଡକ, ପରିବହନ ଓ ରାଜପଥ (ସଡକ ସୁରକ୍ଷା) ମନ୍ତ୍ରାଳୟ, ୧୨ ମେ ୨୦୧୫ ରେ ହାସପାତାଳ,ପୋଲିସ୍ ଥାନା ଓ ଅନ୍ୟ କ୍ଷମତାଶୀଳ କର୍ତ୍ତୃପକ୍ଷଙ୍କୁ ସେଭଳି ପରୋପକାରୀ ଭଦ୍ର ବ୍ୟକ୍ତିଙ୍କୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଆବଶ୍ୟକ ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି, ଏବଂ ୨୧ ଜାନୁୟାରୀ ୨୦୧୬ ର ନିର୍ଦ୍ଦେଶାବଳୀ ଅନୁଯାଇ ପୋଲିସ୍ ଦ୍ୱାରା ଓ ମକଦ୍ଦମା ବେଳେ ପରୋପକାରୀ ବ୍ୟକ୍ତିଙ୍କ ବିଚାର ଲାଗି ମାନକ-କାର୍ଯ୍ୟକାରୀ -ପଦ୍ଧତି ସ୍ୱିକୃତ ହୋଇଛି ,

ଏବଂ ଯେହେତୁ ମାନ୍ୟବର ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାର ଜାରି କରିଥିବା ଉକ୍ତ ବିଜ୍ଞପ୍ତିକୁ ବିଚାର କରି ଆବଶ୍ୟକ ନିର୍ଦ୍ଦେଶାବଳୀ ତଥା ମାନକ କର୍ଯ୍ୟକାରୀ-ପଦ୍ଧତିର କେତେକ ପରିବର୍ତ୍ତନ ସହିତ ୩୦ ମାର୍ଚ୍ଚ ୨୦୧୬ରେ ସେଗୁଡିକୁ ସ୍ୱୀକୃତି ଦେଇ ଆଦେଶ ଦେଇଛନ୍ତି ଯେ ସମସ୍ତ କେନ୍ଦ୍ର ଶାସିତ ଅଞ୍ଚଳ, ରାଜ୍ୟସରକାରଙ୍କ କର୍ମକର୍ତ୍ତାଗଣ, ଭାରତୀୟ ସମ୍ବିଧାନର ୧୪୨ ଧାରା ସମେତ ୩୨ ଧାରା ଅନୁଯାୟୀ ସେ ସବୁ କାର୍ଯ୍ୟ କରିବେ ଓ ୧୪୧ ଧାରା ଅନୁସାରେ ତାହା ସମସ୍ତଙ୍କ ପ୍ରତି ବାଧ୍ୟତାମୂଳକ ଭାବେ ଲାଗୁ ହେବ;

ଏବଂ ଯେହେତୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାଇ ରାଜ୍ୟ ସରକାର ଏତଦ୍ୱାରା ନିମ୍ନଲିଖିତ ନିୟମାବଳୀ ଗୁଡିକୁ ହାସପାତାଳ,ପୋଲିସ୍ ଥାନା ତଥା ଓଡିଶାର ସମସ୍ତ କର୍ତ୍ତୃପକ୍ଷଙ୍କୁ ପରୋପକାରୀ ଭଦ୍ରବ୍ୟକ୍ତିଙ୍କର ସୁରକ୍ଷା ନିମନ୍ତେ ଏବଂ ପୋଲିସ୍ ଥାନାରେ କିମ୍ବା ମକଦ୍ଦମା ବିଚାର ପାଇଁ ପରୋପକାରୀ ଭଦ୍ରବ୍ୟକ୍ତିଙ୍କୁ ପଚରାଉଚରା ବେଳେ ମାନକ କାର୍ଯ୍ୟକାରୀ ପଦ୍ଧତି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି,

ସେହେତୁ;-

୧. କୌଣସି ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି କିମ୍ବା ଯେ କୌଣସି ଲୋକ ପୁଲିସ୍ ନିୟନ୍ତ୍ରଣକେନ୍ଦ୍ର ବା ଥାନକୁ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ବା ମୃତ୍ୟୁବରଣ କରିଥିବା ଲୋକ ବିଷୟରେ ଫୋନ୍ କରି ଖବର ଦେଲେ , ପ୍ରତ୍ୟକ୍ଷ ସାକ୍ଷୀଙ୍କ ବ୍ୟତୀତ, ଖବର ଦେଇଥିବା ବ୍ୟକ୍ତି ନିଜର ନାଆଁ, ଫୋନ୍ ନମ୍ବର, ଠିକଣା ଇତ୍ୟାଦି ବ୍ୟକ୍ତିଗତ ତଥ୍ୟ ଫୋନରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରକାଶ କରିବାର ଆବଶ୍ୟକତା ନାହିଁ.

୨.ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକ ବିଷୟରେ ଖବର ଦେବା ପରେ ଥାନା ଅଧିକାରୀ ତାଙ୍କୁ ଛାଡି ଦେବେ ଓ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ସାକ୍ଷୀ ହେବାକୁ ନ ଚାହିଁଲେ ତାଙ୍କୁ ଅଧିକ କିଛି ପ୍ରଶ୍ନ ପଚାରିବେ ନାହିଁ।

୩. ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ବା ସଡକ ଦୁର୍ଘଟଣା ଦେଖିଥିବା ପ୍ରତ୍ୟକ୍ଷଦର୍ଶୀ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ପାଇଁ ପାଖ ଡାକ୍ତରଖାନାକୁ ନେଇ ପାରିବେ ଏବଂ ସେ ଚାହିଁଲେ ତାଙ୍କୁ ସେଠାରୁ ନିଜ ଇଚ୍ଛାରେ ଚାଲି ଯିବା ପାଇଁ ଦିଆଯିବ ଓ ଡାକ୍ତରଖାନା କର୍ତ୍ତୃପକ୍ଷ କେବଳ ପିଡିତ ବ୍ୟକ୍ତିଙ୍କର ପରିବାର ଲୋକଙ୍କ ଦ୍ୱାରା ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀଙ୍କୁ କିଛି ପ୍ରତିଦାନ ଦେବା କିମ୍ବା ମକଦ୍ଦମା

ନିମେନ୍ତ ତାଙ୍କର ବର୍ତ୍ତମାନ ଓ ସ୍ଥାୟୀ ଠିକଣା ,ଫୋନ୍ ନମ୍ବର / ଇ-ମେଲ ଠିକଣା ନିମନ୍ତେ ଅନୁରୋଧ ବ୍ୟତିତ ଅନ୍ୟ କୌଣସି ପ୍ରଶ୍ନ ପଚାରିବେ ନାହିଁ । ଜାତି, ଧର୍ମ, ବର୍ଗ, ଜାତୀୟତା ଇତ୍ୟାଦି ବିଷୟରେ ପକ୍ଷପାତିତା ନ କରି ସମ୍ମାନ ଦେଇ କଥାବାର୍ତ୍ତା କରିବେ । ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ଡାକ୍ତରଖାନାରୁ ଅନାବଶ୍ୟକ ବିଳମ୍ବ ନ କରି ସେଠାରୁ ଯିବା ପାଇଁ ଦିଆଯିବ ।

୪) ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଙ୍କ ବିଷୟ ରେ ଜାଣିବା ପାଇଁ ହେଲେ ନିମ୍ନଲିଖିତ ପଦ୍ଧତି ଗ୍ରହଣ କରାଯାଇ ପାରେ;-

କ୍ଷତିଗ୍ରସ୍ତ ବା ପିଡିତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ଆଣିଥିବା ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଆପଣା ଛାଏଁ ଚାହିଁଲେ ନିଜ ଠିକଣା, ଫୋନ୍ ନମ୍ବର ବା ଇ- ମେଲ୍ ଠିକଣା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରଦତ୍ତ ଏକ ମାନକ ପଦ୍ଧତିରେ ଲିପିବଦ୍ଧ ହୋଇ ରହିବ । ଉକ୍ତ ପଦ୍ଧତି ସମସ୍ତ ଡାକ୍ତରଖାନା ପାଇଁ ଲାଗୁ ହେବ । ଉକ୍ତ ମାନକ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଇତିମଧ୍ୟରେ ପୀଡିତକୁ ଡାକ୍ତରଖାନାକୁ ଆଣିଥିବା ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଯଦି ଚାହାନ୍ତି ତାଙ୍କ ନାମ, ଠିକଣା, ଦୁର୍ଘଟଣା ଘଟିବାର ସମୟ, କେଉଁ ଜାଗାରେ ଘଟଣାଟି ଘଟିଥିଲା ଆଦି ସମ୍ପର୍କରେ ଡାକ୍ତର ନିଜ ଶିରୋନାମା ବିଶିଷ୍ଟ କାଗଜରେ ଲେଖି ସିକୃତିପତ୍ର ଦେବେ । ଡାକ୍ତର ବା ଡାକ୍ତରଖାନାର ପଦାଧିକାରୀମାନେ ଏଥିପାଇଁ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ତାଙ୍କ ଠିକଣା ଦେବା ନିମେନ୍ତ ବିନମ୍ର ଅନୁରୋଧ ଜଣାଇବେ ।

୫) ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଚାହିଁଲେ ଇଛାଧିନ ତଥା ସ୍ୱେଛାକୃତ ଭାବେ ନିଜର ନାମ ଓ ଠିକଣା ଡାକ୍ତରଖାନା ଦ୍ୱାରା ଯୋଗାଉଥିବା ମେଡିକୋ ଲିଗାଲ କେସ୍ (ଏମଏଲସି) ଫର୍ମରେ ଲେଖି ପାରିବେ ।

୬) ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ତାଙ୍କ ନାମ ଓ ଠିକଣା ବାଧ୍ୟତାମୂଳକ ଭାବେ ଧମକ ଚମକ ଦେଇ କୌଣସି ସରକାରୀ କର୍ମଚାରୀ ମାଗିଲେ, ସେହି କର୍ମଚାରୀଙ୍କ ବିରୋଧ ରେ ରାଜ୍ୟ ସରକାର ବିଭାଗୀୟ ତଦନ୍ତ କରିବେ ।

୭) ପଞ୍ଜିକୃତ କୌଣସି ଘରୋଇ ବା ସରକାରୀ ଡାକ୍ତରଖାନା କର୍ତ୍ତୃପକ୍ଷ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ଅଟକାଇ ପାରିବେ ନାହିଁ କିମ୍ବା ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କର ସମ୍ପର୍କୀୟ ବା ସମ୍ବନ୍ଧୀୟ ନ ହୋଇଥିଲେ ତାଙ୍କ ପାଖରୁ ରେଜିଷ୍ଟ୍ରେସନ୍ କିମ୍ବା ଡାକ୍ତରଖାନା ରେ ଭର୍ତ୍ତିହେବା ସକାଶେ ଅର୍ଥ ମାଗିପାରିବେ ନାହିଁ ।

୮) ମାନନୀୟ ସୁପ୍ରିମ୍ କୋର୍ଟଙ୍କ, ପଣ୍ଡିତ ପରମାନନ୍ଦ କଟରା ବନାମ ଭାରତୀୟ ସଂସଦ ତଥା ଅନ୍ୟାନ୍ୟ (୧୯୮୯)୪ ଏସ୍‌ସିସି ୨୮୬ ଆଦେଶ ଅନୁସାରେ ଡାକ୍ତରଖାନାକୁ ଆସିଥିବା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କର ଯଥା ଶୀଘ୍ର ଚିକିତ୍ସା କରାଯିବ.

୯) ସଡ଼କ ଦୁର୍ଘଟଣାରୁ ଘଟିଥିବା ଆପାତକାଳୀନ ପରସ୍ଥିତିରେ କୌଣସି ଡାକ୍ତର କ୍ଷତିଗ୍ରସ୍ତଙ୍କର ଚିକିତ୍ସାରେ ଅବେହଳା କଲେ ତାହା ଭାରତୀୟ ସ୍ୱାସ୍ଥ୍ୟ ସେବା ପ୍ରଶାସନିକ ପରିଷଦର (ବୃତ୍ତିଗତ ବ୍ୟବହାର, ନୈତିକ ଓ ବୃତ୍ତିଗତ ଶିଷ୍ଟାଚାର) ନିୟମାବଳୀର ୨୦୦୨ ର ୭ମ ପରିଛେଦ ଅନୁଯାଇ "ଅସମାଚୀନ ବୃତ୍ତିଗତ ବ୍ୟବହାର" ଧରାଯିବ ଓ ଉକ୍ତ ଡାକ୍ତରଙ୍କ ବିରୁଦ୍ଧ ରେ ଉକ୍ତ ନିୟମାବଳୀର ୮ମ ପରିଛେଦ ଅନୁଯାଇ କାର୍ଯ୍ୟାନୁଷ୍ଠାନ କରାଯିବ .

୧୦) ସମସ୍ତ ଡାକ୍ତରଖାନର ପ୍ରବେଶ ଦ୍ୱାରରେ ଓଡିଆ, ହିନ୍ଦୀ ଓ ଇଂରାଜୀ ଗୋଟିଏ ଲେଖାଁଏ ଅଧିକାର ପତ୍ର ପ୍ରକାଶନ କରାଯିବ ଯେ ସେମାନେ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଙ୍କୁ ଅଟକାଇବେ ନାହିଁ କିମ୍ବା ତାଙ୍କ ଠାରୁ କ୍ଷତିଗ୍ରସ୍ତ ବ୍ୟକ୍ତୀଙ୍କର ଚିକିତ୍ସା ପାଇଁ ଅର୍ଥ ମାଗିବେ ନାହିଁ ।

୧୧) ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନା ଉପରୋକ୍ତ ନିୟମାବଳୀକୁ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରିବେ ଏବଂ ଉକ୍ତ ନିୟମର ଉଲଘଂନ ବା ଭଙ୍ଗ କରିଥିବା ଡ଼ାକ୍ତର କିମ୍ବା ଡାକ୍ତରଖାନାର କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୧୨) ଡାକ୍ତରମାନଙ୍କ ପ୍ରତ୍ୟେକ ପ୍ରଶିକ୍ଷଣ କର୍ଯ୍ୟକ୍ରମରେ ଉକ୍ତ ନିୟମଗୁଡିକ ଆଲୋଚନା କରାଯିବା ପାଇଁ ବିଷୟାଭୁକ୍ତ କରାଯିବ ।

୧୩) ଡାକ୍ତରଖାନର ମୁଖ୍ୟ ଅଧିକାରୀ ଉକ୍ତ ନିୟମଗୁଡିକୁ କାର୍ଯ୍ୟକାରୀ କରିବେ ଓ ଏହାର ତ୍ରୟମାସିକ ରିପୋର୍ଟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପଠାଇବେ ।

୧୪) ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି କୌଣସି ଦେବାନୀ ଅଥବା ଫୌଜଦାରୀ ଆଇନ୍ ଅନୁଯାଇ ଦାୟୀ ହେବେ ନାହିଁ ।

୧୫) ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ଥାନାରେ ଏଫ୍‌ଆଇଆର୍ ଦେବା ପାଇଁ ବାଧ୍ୟ କରାଯିବ ନାହିଁ ବା କୌଣସି ପ୍ରତ୍ୟକ୍ଷଦର୍ଶୀଙ୍କୁ ମଧ୍ୟ ପୋଲିସ୍ ଅଧିକାରୀ ବା ମେଡିକାଲ କର୍ତ୍ତୃପକ୍ଷ ଏଥି ଲାଗି ବାଧ୍ୟ କରିପାରିବେ ନାହିଁ ।

୧୬) ଦୁର୍ଘଟଣା ଘଟିଥିବା ଅଞ୍ଚଳ ର ଥାନା ଅଧିକାରୀ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କ ପାଖରୁ ସ୍ୱତଃପ୍ରବତ ଭାବେ ମିଳିଥିବା ଖବରକୁ ଏଫ୍‌ଆଇଆର୍ ଭାବେ ଗ୍ରହଣ କରିବେ ନ ଚେତ ଡାକ୍ତରଖାନାରୁ ଆସିଥିବା ରିପୋର୍ଟ ଉପରେ ଏଫ୍‌ଆଇଆର୍ ଲିପିବଦ୍ଧ କରିବେ । ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ନିଜ ଆଡୁ ନ ଚାହିଁଲେ ତାଙ୍କ ନାମ କୌଣସି ଚାର୍ଜସିଟ୍‌ରେ ଲିପିବଦ୍ଧ ହେବନାହିଁ ।

୧୭. ଯଦି କୌଣସି ପରୋପକାରୀ ବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଦୁର୍ଘଟଣାର ସାକ୍ଷୀ ହୋଇ ବିବରଣୀ ଦେବା ପାଇଁ ନିଜଆଡୁ ମନ କରିବେ ତେବେ ଉକ୍ତ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପଚରା ଉଚୁରା କରିବା ସମୟ ରେ ପୁଲିସ୍ କର୍ତ୍ତୃପକ୍ଷ ନିମ୍ନଲିଖିତ ନିୟମକୁ ବାଧ୍ୟତାମୂଳକ ଭାବେ ପାଳନ କରିବେ :-

(କ) ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଥାନାକୁ ଆସିବା ଲାଗି ପସନ୍ଦ କରୁନଥିଲେ ତଦନ୍ତକାରୀ ଅଫିସର, ଯେତେ ଦୁର ସମ୍ଭବ ଉକ୍ତ ବ୍ୟକ୍ତିଙ୍କର ମନ ମୁତାବକ ଜାଗା ଯଥା ତାଙ୍କ ବାସଗୃହ ବା କାର୍ଯ୍ୟାଳୟ କୁ ଯାଇ ପଚରାଉଚୁରା କରିବେ ଏବଂ ସେ ସେଠାରେ ସାଦା ପୋଷାକରେ ଯାଇ ପହଞ୍ଚିବେ ।

(ଖ) ଯଦି ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଜଣକ ଯଦି ସ୍ଥାନୀୟ ଭାଷା ବା ତଦନ୍ତକାରୀ ଅଫିସରଙ୍କ ଭାଷା ଭିନ୍ନ ଅନ୍ୟ କୌଣସି ଭାଷାରେ କଥାବାର୍ତ୍ତା କରୁଥିବେ ତା' ହେଲେ ତଦନ୍ତକାରୀ ଅଫିସର୍ ଜଣେ ମୌଖିକ ଅନୁବାଦକ ସେଥିପାଇଁ ନିଯୁକ୍ତ କରିବେ ।

(ଗ) ଯଦି ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ନିଜକୁ ଜଣେ ପ୍ରତକ୍ଷ୍ୟଦର୍ଶୀ ସାକ୍ଷୀ ଭାବେ ଘୋଷିତ କରିବାକୁ ଚାହାନ୍ତି ତେବେ ତାଙ୍କୁ ଫୌଜଦରୀ ଦଣ୍ଡବିଧି ଆଇନ୍ ୧୯୭୩ (୧୯୭୪ ର ୨) ର ୨୯୬ ଧାରା ଅନୁସାରେ ଏକ ଶପଥପତ୍ର ଦେବାପାଇଁ ଅନୁମତି ଦିଆଯିବ, ଯାହା କି ସାଧାରଣ ସାକ୍ଷୀପ୍ରମାଣର ଶପଥପାଠ ଭାବରେ ଗୃହୀତ ହେବ ।

(ଘ) ତଦନ୍ତକାରୀ ଅଫିସର, ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କ ନଥିଭୁକ୍ତ ହୋଇଥବା ଶପଥପତ୍ରକୁ ସମ୍ପୂର୍ଣ୍ଣ ବକ୍ତବ୍ୟ ଭାବେ ଗ୍ରହଣ କରବେ । ଯଦି ବକ୍ତବ୍ୟ ଲିପିବଦ୍ଧ କରିବା ପାଇଁ ଥାଏ ତେବେ ଉକ୍ତ ପୁଲିସ୍ ଅଧିକାରୀ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କ ସମୟ ଓ ସୁବିଧା ଅନୁସାରେ ତାଙ୍କୁ ଥରଟିଏ ପଚରାଉଚୁରା କରି ସମ୍ପୂର୍ଣ ବକ୍ତବ୍ୟ ଲେଖି ରଖିବେ ।

(ଙ) ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କର ଶାଳୀନତା, ଶିଷ୍ଟତା ଓ ମର୍ଯ୍ୟାଦା ରକ୍ଷା କରି ତଦନ୍ତକାରୀ ଅଫିସର ଯଥେଷ୍ଟ ଯତ୍ନର ସହିତ ତାଙ୍କୁ ପଚରାଉଚୁରା କରିବେ । ବିରକ୍ତ ହୋଇ କିମ୍ବା ଭୟ ଦେଖାଇ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି କିମ୍ବା ପ୍ରତ୍ୟକ୍ଷଦର୍ଶୀଙ୍କୁ ଜେରା କରିପାରିବେ ନାହିଁ ।

(ଚ) ସିଆରପିସି ର ୧୬୦ ଧାରା ର ବ୍ୟବସ୍ଥା ଅନୁସାରେ ଜଣେ ପୁରୁଷ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଯିଏ ୧୫ ବା ୧୫ ବୟସରୁ କମ୍ କିମ୍ବା ୬୦ ରୁ ଉର୍ଦ୍ଧ୍ୱ ହୋଇଥିବେ ଅଥବା ସେ ଭିନ୍ନକ୍ଷମ ବା ମହିଳା ହୋଇଥିବେ ତେବେ ତାଙ୍କୁ ତାଙ୍କ ବାସଗୃହରେ ହିଁ ପଚରାଉଚୁରା କରାଯିବ । ସେମାନଙ୍କ ଜେରା ଗୋଟିଏ ଥରରେ ହିଁ ଶେଷ କରାଯିବ ।

୧୮) ନ୍ୟାୟଳୟକୁ ଯିବା କିମ୍ବା ସେଠାରେ ଉପସ୍ଥିତ ରହିବା ପାଇଁ ଅରାଜି ଥିବା ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ବା ପତ୍ୟକ୍ଷଦର୍ଶୀଙ୍କୁ ସଂପୃକ୍ତ ନ୍ୟାୟାଳୟ ସାଧାରଣତଃ ବାଧ୍ୟ କରିବେ ନାହିଁ, ଯଦ୍ୱାରା ନ୍ୟାୟପ୍ରଦାନରେ ବିଳମ୍ବ,ଖର୍ଚ୍ଚାନ୍ତ ଓ ଅସୁବିଧା ଉପୁଯିବ । ଦରକାର ହେଲେ ଏଥିପାଇଁ ନ୍ୟାୟଳୟ କ୍ଷମତା ପ୍ରୟୋଗ କରି ନିଜ ଆଡୁ କମିଶନ ବସାଇ ଫୌଜଦାରୀ ଦଣ୍ଡବିଧି ଆଇନ୍ ୧୯୭୩ ର ୨୮୪ ଧାରା ଅନୁଯାୟୀ ଜଣେ ସେ ଭଳି ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କର ସାକ୍ଷ୍ୟ ପାଇଁ ତାଙ୍କୁ ନ୍ୟାୟାଳୟକୁ ଲୋଡି ପାରନ୍ତି ।

ସେଭଳି କ୍ଷେତ୍ରରେ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତି ଆଇନଗତ ସୁରକ୍ଷା ଲାଗି ଲିଖିତ ଭାବରେ ଜଣାଇଲେ ଦାୟିତ୍ୱରେ ଥିବା ପୋଲିସ୍ ଅଧିକାରୀ ଆବଶ୍ୟକ ସହାୟତ ଯୋଗାଇ ଦେବେ ।

ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିବିଶେଷଙ୍କ ସାକ୍ଷ୍ୟ ପ୍ରଦାନ ନିମନ୍ତେ ସମ୍ପୃକ୍ତ ପବ୍ଲିକ୍ ପ୍ରସିକ୍ୟୁର ଯଥାଶିଘ୍ର ବ୍ୟବସ୍ଥା କରିବେ ।ଶୁଣା କଥା ବା ଉଡା ଖବର ହୋଇଥିଲେ ତାଙ୍କ ସାକ୍ଷ୍ୟ ବାଦ ଦିଆଯିବ ।

ନ୍ୟାୟଳୟରେ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ଯଥାଯଥ ସୁରକ୍ଷା ଦେଇ ପହଂଚାଇବା ଦାୟିତ୍ୱରେ ଥିବା ପୋଲିସ୍ ଅଧିକାରୀଙ୍କ କର୍ତ୍ତବ୍ୟ ।

୧୯. ପୋଲିସ୍ ଅଧକ୍ଷକ,ଡେପୁଟି କମିଶନର୍ ବା ଅନ୍ୟ କୌଣସି ପୋଲିସ୍ ଅଧିକାରୀ ନିଜ ଇଲାକାରେ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କ ପ୍ରତି ଲାଗୁ ହୋଇଥିବା ଉପରୋକ୍ତ ସମସ୍ତ ନିୟମ କିପରି କାର୍ଯ୍ୟକାରୀ କରାଯିବ ସେଥିପ୍ରତି ଧ୍ୟାନ ଦେବେ ।

୨୦. ଜନସାଧାରଣ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଡାକ୍ତରଖାନାକୁ ଆଣିବା ଲାଗି ସାହାଯ୍ୟ କରିବା କାର୍ଯ୍ୟକୁ ଉତ୍ସାହିତ କରିବା ଲାଗି ପରେପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁରସ୍କାର କିମ୍ବା କ୍ଷତିପୂରଣ ଦିଆଯିବ । ଗଣମାଧ୍ୟମରେ ପରୋପକରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପ୍ରଶଂସା କରାଯିବ ଯାହା ଅନ୍ୟ ଲୋକଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ ହେବ । ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକରୀ ବ୍ୟକ୍ତିଙ୍କୁ ନିମ୍ନ ମତେ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ

(କ)ସେ ଭଳି ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକରୀ ବ୍ୟକ୍ତିମାନଙ୍କୁ ପ୍ରତ୍ୟେକ କେସ୍ ନିମେନ୍ତ ୨୦୦୦/- ଟଙ୍କା ଲେଖାଏଁ ପ୍ରତ୍ସୋହନ ରାଶୀ ଦିଆଯିବ ।

(ଖ) କ୍ଷତିଗ୍ରସ୍ତ ବ୍ୟକ୍ତିକୁ ଡାକ୍ତରଖାନାକୁ ଆଣିବା ଲାଗି କୌଣସି ଭଡାଗାଡି ବ୍ୟବହାର କରିଥିଲେ ଗାଡି ଖର୍ଚ୍ଚ ବାବଦ ଟଙ୍କା ତୁରନ୍ତ ଭରଣା କରାଯିବ । ସେଥିପାଇଁ ରସିଦ୍ ମଗାଯିବ ନାହିଁ ।

(ଗ) ଜିଲ୍ଲା କିମ୍ବା ରାଜ୍ୟସ୍ତରୀୟ ଉତ୍ସବରେ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକରୀ ବ୍ୟକ୍ତଙ୍କୁ ଅଭିନନ୍ଦିତ କରାଯିବ ।

(ଘ) ଓଡିଶା ସଡ଼କ ସୁରକ୍ଷା ସୋସାଇଟି ପାଣ୍ଠିରୁ ଏ ସମସ୍ତ ରାଶି ପ୍ରଦାନ କରାଯିବ ।

(୨୧) ନିମ୍ନଲିଖିତ କାର୍ଯ୍ୟପଦ୍ଧତି ଅନୁସାରେ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକରୀ ବ୍ୟକ୍ତିଙ୍କୁ ଟଙ୍କା ପ୍ରଦାନ କରାଯିବ-

ଆସିଷ୍ଟାଣ୍ଟ ସର୍ଜନ ପଦବୀ ବା ତହିଁରୁ ଉର୍ଦ୍ଧ୍ୱ ହାସପାତାଳର ଜଣେ ଅଧିକାରୀ, ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କ ଠାରୁ ତାଙ୍କର ନାମ ଠିକଣା ପାଇଲେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରସ୍ତୁତ ସ୍ୱୀକୃତିପତ୍ର ତାଙ୍କୁ ଦେବା ସହ ନିକଟସ୍ଥ ପରିବହନ ଅଧିକାରୀ ଙ୍କୁ ବ୍ୟକ୍ତିଗତ ବା ସିକୃତପାପ୍ତ ବ୍ୟକ୍ତି କିମ୍ବା ଡାକ ଦ୍ୱାରା ପୁରସ୍କାର ପ୍ରଦାନ ନିମନ୍ତେ ଜଣାଇବେ । ପରିବହନ ଅଧିକାରୀ ପରୋପକାରୀ ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ପୁରସ୍କାର ସହ, ଗୋଟିଏ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ଶ୍ରାବ୍ୟ-ଦୃଶ୍ୟ ଚିତ୍ର ଉତ୍ତୋଳନ କରି ସାଧାରଣଙ୍କର ଦର୍ଶନାର୍ଥେ ନିଜ ବିଭାଗୀୟ ୱେବ୍‌ସାଇଟ୍ ରେ ଅପଲୋଡ୍ କରିବେ ।

ଉପରୋକ୍ତ ସମସ୍ତ ନିୟମକୁ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ ବାଧ୍ୟତାମୂଳକ କରାଯିବ ଓ ମୋଟର ଭେହିକିଲ୍ ଆଇନ୍ ୧୯୮୮ ଧାରା ୧୩୪ ଅଧୀନରେ ରାସ୍ତା ଦୁର୍ଘଟଣା ରେ ଗାଡ଼ିଚାଳକର ଦାୟିତ୍ୱ ସମ୍ବଳିତ ଯାହା ଆଇନ୍ ଥାଉନା କାହିଁକି ଏହା ସମସ୍ତ ଘରୋଇ, ସରକାରୀ ଡାକ୍ତରଖାନା, ପୋଲିସ୍ ଥାନା ତଥା ଓଡିଶାର ସବୁ ଅଧିକାରୀଙ୍କୁ ଲାଗୁ ହେବ ।

ଗୃହ ବିଭାଗ ଦ୍ୱାରା ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କ ସୁରକ୍ଷା ପାଇଁ ଲାଗୁ ହେଇଥିବା ସାଧାରଣ କାର୍ଯ୍ୟପଦ୍ଧତି ଅର୍ଡର ନଂ- ଏଚ୍‌ଆର୍ ପିସି(ଏ) - ୬୫/୨୦୧୫-୩୮୯୪୩ ତାରିଖ - ୨୧.୧୧.୨୦୧୫ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପରୋପକାରୀ ଭଦ୍ରବ୍ୟକ୍ତି ବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସୁରକ୍ଷା ପାଇଁ ତିଆରି ହେଇଥିବା ନିୟମାବଳୀ ବିଜ୍ଞପ୍ତି ନଂ ଏସ୍‌ସିଏଚ୍ - ମେଡ୍-୫୧୨/୨୦୧୫-୨୭୨୧/ଏଚ ତାରିଖ - ୦୫.୦୨.୨୦୧୬ କୁ ଏତ୍ ଦ୍ୱାରା ନିରସ୍ତ କରାଗଲା ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ପ୍ରମୁଖ୍ୟ ଶାସନ ସଚିବ